# ରେଙ୍ଗାଲି ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି

ଲିଜ ମୋକଦ୍ଦମା ସଂଖ୍ୟା- ୧୫/୨୦୨୩

## ସର୍ବସାଧାରଣ ନୋଟିସ

ନୋଟିସ ନଂ. ୯୩୪ ତାରିଖ: ୧୬.୦୬.୨୦୨୫

ଏତଦ୍ ଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – ଖଡିଆପାଲି ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଇଡକୋ କର୍ତ୍ତୁପକ୍ଷ ଭୁବନେଶ୍ଵର (ଓଡିଶା), ଶିଳ୍ପ ପ୍ରତିଷ୍ଠା ଏବଂ ସଂବନ୍ଧ ଗତିବିଧିର ସ୍ଥାପନା ସକାଶେ ଲ୍ୟାଣ୍ଡ ବ୍ୟାଙ୍କ ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯାଳୟରେ ଦରଖାସ୍ତ ଦାଖଲ କରିଛନ୍ତି ଓ ତତ ଅନୁସାରେ ପଦକ୍ଷେପ ନିଆଯିବ ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ଭିତରେ ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯାଳୟରେ ଲିଖିତ ଆକାରରେ ଟ. ୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ରସ୍ତାବିତ ରକବା | କିସମ |
|---|---|---|---|---|
| ଖଡିଆପାଲି | ୨୧୩ (ଅବାଦ ଯୋଗ୍ୟ ଅନାବାଦୀ) | ୧୫ | ୦.୪୬ | ପତିତ |
| | | ୧୬ | ୯.୪୦ | ପତିତ |
| | | ୧୭ | ୦.୧୭ | ପତିତ |
| | | ୨୧ | ୦.୧୫ | ପତିତ |
| | | ୨୪ | ୦.୧୨ | ପତିତ |
| | | ୨୫ | ୦.୫୪ | ପତିତ |
| ମୋଟ | ୧ ଖାତା | ୬ ପ୍ଲଟ | ୧୦.୮୪ | |

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି,ସମ୍ବଲପୁର

ଜ୍ଞାପକ ସଂଖ୍ୟା ୯୩୫ ତା: ୧୬.୦୬.୨୦୨୫ //

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ଓ ରାଜସ୍ଵ ନିରୀକ୍ଷକ ବୋମାଲୋଏଙ୍କ କାର୍ଯାଳୟ / ଗ୍ରାମ ପଞ୍ଚାୟତ ଜଙ୍ଗଲା ଏବଂ ତହସିଲ କାର୍ଯାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ- ଗଭର୍ଣ୍ଣନ୍ସ ପରିଚାଳକ, ସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣା କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାରକୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି,ସମ୍ବଲପୁର